## ସଂକ୍ଷେପରେ

### ମାଧପୁରରେ ଚୋରି

ମାଧପୁର,୧୯।୨(ମନୋଜ ପ୍ରଧାନ)

ଆଠମଲ୍ଲିକ ଥାନା ମାଧପୁର ବଜାର ନିକଟରେ ଥିବା ସମ୍ବଲପୁରୀଆ ବାବୁ ଗ୍ୟାରେଜ ଶଟରକୁ ରବିବାର ରାତିରେ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଛନ୍ତି। ଏଥିସହିତ ଗ୍ୟାରେଜ ନିକଟରେ ଥିବା ଇଲେକ୍ଟ୍ରି ଦୋକାନର ତାଲା ଭାଙ୍ଗିଡ୍ରରେ ଥିବା ୯ ହଜାର ଟଙ୍କା ଏବଂ ଅନ୍ୟାନ୍ୟ ବିଦ୍ୟୁତ୍ ଉପକରଣ ସାମଗ୍ରୀ ନେଇଯାଇଥିବା ଦୋକନୀ ମାଲିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ପକ୍ଷରୁ ପାଟ୍ରୋଲିଂ କରିବାକୁ ସାଧାରଣରେ ଦାବି ହୋଇଛି।

### ବ୍ରାଉନସୁଗାର ବ୍ୟବସାୟ ସନ୍ଦେହରେ ଚଢାଉ

ଢେଙ୍କାନାଳ,୧୯।୨(ରତନ ନାୟାର)

ଢେଙ୍କାନାଳ ସହରସ୍ଥିତ ଲକ୍ଷ୍ମୀବଜାର ଅଞ୍ଚଳରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘରେ ସୋମବାର ରାତିରେ ବ୍ରାଉନସୁଗାର ବ୍ୟବସାୟ ସନ୍ଦେହରେ ପୋଲିସ ପକ୍ଷରୁ ଚଢାଉ କରାଯାଇଥିଲା। ଜଣେ ଯୁବକ ବ୍ରାଉନସୁଗାର କିଣିବାକୁ ଯାଉଥିବା ଖବରପାଇ ସଦର ଏସ୍‌ଡିପିଓ ବିଭୁତି ଭୂଷଣ ମହାପାତ୍ର, ଟାଉନ ଥାନା ଅଧିକାରୀ ପ୍ରଭାତ ସାହୁଙ୍କ ସମେତ ପୋଲିସ କର୍ମଚାରୀମାନେ ଚଢାଉ ଜାରି ରଖିଛନ୍ତି। ରାତି ୯ଟା ସୁଦ୍ଧା ଚଢାଉ ଜାରି ରହିଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି।

# ଧାରଣାରେ ରାଜସ୍ୱ ଅଧିକାରୀ





ଢେଙ୍କାନାଳ,୧୯।୨(ରତନ ନାୟାର)

ଢେଙ୍କାନାଳ ସଦର ତହସିଲ କାର୍ଯ୍ୟାଳୟ ପରିସରରେ ରାଜସ୍ୱ ଅଧିକାରୀମାନେ ସମୂହ କାର୍ଯ୍ୟ ବନ୍ଦକରି ଧାରଣା ଦେଇଛନ୍ତି। ଓଡ଼ିଶା ରାଜସ୍ୱ ସେବା ପଦୋନ୍ନତିରେ ରାଜସ୍ୱ ଅଧିକାରୀମାନଙ୍କ ପାଇଁ ୨୫ ପ୍ରତିଶତ ସଂରକ୍ଷଣ, ଓଡିଆର୍‌ଏସ୍ ରୁଲ ପରିବର୍ତ୍ତନ, ଅତିରିକ୍ତ ରାଜସ୍ୱ ଅଧିକାରୀ ପଦବୀ ବ୍ୟବସ୍ଥା କରିବା, ଶସ୍ୟକାଟ ପ୍ରଣାଳୀରୁ ରାଜସ୍ୱ ଅଧିକାରୀମାନଙ୍କୁ ବାଦ ଦେବା ଆଦି ଦାବିରେ ଏହି ଧରଣା ଦିଆଯାଇଛି। ଫଳରେ ରାଜସ୍ୱ ଅଧିକାରୀଙ୍କ କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟ ଏକପ୍ରକାର ଠପ୍ ହୋଇଯାଇଛି। ସେହିପରି ଓଡ଼ାପଡ଼ା ରାଜସ୍ୱ କ୍ଷେତ୍ର ଅଧିକାରୀମାନେ ଓଡ଼ାପଡ଼ା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛନ୍ତି। ଯେପର୍ଯ୍ୟନ୍ତ ସରକାର କର୍ମଚାରୀଙ୍କ ଦାବି ପୂରଣ ନ କରିଛନ୍ତି ସେ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିବ ବୋଲି ସଂଘ ସାଧାରଣ ସମ୍ପାଦକ ମହମ୍ମଦ ଜାଭେଦ ଆଖତର ଏକ ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି। ସେହିପରି କଙ୍କଡାହାଡ଼ ତହସିଲ ସମ୍ମୁଖରେ ସମସ୍ତ ରାଜସ୍ୱ ଅଧିକାରୀ, କର୍ମଚାରୀ ମାନେ ଆନ୍ଦୋଳନ କରିଛନ୍ତି। ଏହି ଧାରଣାରେ ରାଜସ୍ୱ ପରିଦର୍ଶକ ସଞ୍ଜୟ ବରାଳ, ଦଶୀପୁର ଓ ମହାବିରୋଡ୍ ରାଜସ୍ୱ ନିରୀକ୍ଷକ ଶୀତଳ ଦେହୁରୀ, କଣ୍ଟାପାଳ ରାଜସ୍ୱ ନିରୀକ୍ଷକ ଚିରଞ୍ଜିବୀ ବେହେରା, ଅଞ୍ଜଳି ଦେହୁରୀ, କଙ୍କଡାହାଡ଼ ରାଜସ୍ୱ ନିରୀକ୍ଷକ ସୁବ୍ରତ ପରିଡା, ବାଟଗାଁ ରାଜସ୍ୱ ନିରୀକ୍ଷକ ବିଭୁତି ଭୂଷଣ ସାହୁ, ଶିବରାମ ବାରିକ, ବିରାଶାଳ ରାଜସ୍ୱ ନିରୀକ୍ଷକ ତ୍ରିଲୋଚନ ପ୍ରଧାନ, ଅର୍ଚ୍ଚନା ସିଂହ, ବିରିବୋଲେଇ ରାଜସ୍ୱ ନିରୀକ୍ଷକ ସୁନୀଲ ନାୟକ ସାମିଲ ଥିଲେ। ସେହିପରି କାମାକ୍ଷାନଗର ତହସିଲ କାର୍ଯ୍ୟାଳୟ ପରିସରରେ ରାଜସ୍ୱ ରାଜସ୍ୱ ଶାଖା ପକ୍ଷରୁ ସୋମବାର ଧାରଣା ଦିଆଯାଇଛି। ତହସିଲଦାର ପ୍ରିୟବ୍ରତ ଦାଶଙ୍କ ଜରିଆରେ ଏକ ଦାବିପତ୍ର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରାଯାଇଛି। ଏଥିରେ ରାଜସ୍ୱ ପରିଦର୍ଶକ ମିନତୀ ବାଗସିଂ, ଆରଆଇ ଜ୍ୟୋତି ପ୍ରକାଶ ସାହୁ, ସୁସ୍ମିତା ବେହେରା, ରାଜେନ୍ଦ୍ର ପ୍ରସାଦ ସାହୁ, ଏଆରଆଇ ଅପର୍ଣ୍ଣା ଭୋଇ ଓ ପ୍ରିୟଙ୍କା ବରାଳ ସାମିଲ ଥିଲେ।





### କ୍ୟାଶିଅରଙ୍କଠାରୁ ୧୦ ଲକ୍ଷ ଲୁଟ୍

ତାଳଚେର,୧୯।୨(ମନୋଜ ନନ୍ଦ)

ତାଳଚେର ବାଇପାସ ରାସ୍ତାର ବାଘୁଆବୋଲ ଶିବ ମନ୍ଦିର ନିକଟରେ ସୋମବାର ତାଳଚେର ସହର ରେଙ୍ଗାଳି ଦକ୍ଷିଣ କେନାଲ ନିକଟରେ ଥିବା ଗଣେଶ ପେଟ୍ରୋଲ ପମ୍ପର କ୍ୟାସିଅର ପ୍ରକାଶ ମହାରଣାଙ୍କଠାରୁ ଲୁଟ୍ ହୋଇଛି। ୨ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କଠାରୁ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ପ୍ରକାଶ ଏକ ବ୍ୟାଗରେ ୧୦ଲକ୍ଷ, ୮୭ହଜାର ଟଙ୍କା ନେଇ ନିକଟସ୍ଥ ବ୍ୟାଙ୍କରେ ଡିପୋଜିଟ୍ କରିବାକୁ ଯାଉଥିଲେ। ତାଳଚେର ବାଇପାସ୍ ରାସ୍ତାର ବାଘୁଆବୋଲ ଶିବ ମନ୍ଦିର ନିକଟରେ ଦୁଇ ଦୁର୍ବୃତ୍ତ ଏକ ବାଇକରେ ଆସି ପ୍ରକାଶଙ୍କୁ ଅଟକାଇବା ସହ ଭୁଜାଲି ଦେଖାଇ ତାଙ୍କଠାରୁ ଉକ୍ତ ଟଙ୍କା ବ୍ୟାଗ ନେଇ ପଳାଇଥିଲେ। ଏ ସମ୍ପର୍କରେ କ୍ୟାସିଅର ପ୍ରଥମେ ପେଟ୍ରୋଲ ପମ୍ପ ମାଲିକଙ୍କୁ ଅବଗତ କରାଇଥିଲେ। ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହି ଘଟଣାରେ ପୋଲିସ ପ୍ରକାଶଙ୍କ ସମେତ ସେହି ପେଟ୍ରୋଲ ପମ୍ପରେ କାର୍ଯ୍ୟ କରୁଥିବା ୪ଜଣଙ୍କୁ ଅଟକ ରଖି ପଚରାଉଚରା କରିବାସହ ଘଟଣାର ତଦନ୍ତ ଚଳାଇଛି।

## ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

କାମାକ୍ଷାନଗର,୧୯।୨ (ଅମଜାଦ ଖାନ)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ ଚଟକାପଶି ଶିଶୁ ମନ୍ଦିରରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୂତି ଭୂଷଣ ପ୍ରଧାନ ଏବଂ ବିଭାଗ ପ୍ରଚାର ପ୍ରମୁଖ ପ୍ରଦୀପ କୁମାର ବାରିକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଦସ୍ୟ କୃଷ୍ଣଚନ୍ଦ୍ର ସାହୁ, ସ୍ଥାନୀୟ ସରପଞ୍ଚ ଶ୍ୱେତାଲିନା ସାହୁ, ସଭାପତି ଶ୍ରୀକାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ତରୁଣ କୁମାର ସାହୁ ସଭା ପରିଚାଳନା କରିଥିବା ବେଳେ, ପ୍ରଧାନ ଆଚାର୍ଯ୍ୟା କଲ୍ୟାଣୀ ସାହୁଙ୍କ ସମେତ ସମସ୍ତ ଗୁରୁମା ଓ ଗୁରୁଜୀ ସହଯୋଗ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟା ଶିଶୁ ମନ୍ଦିରର ସମସ୍ୟା ଉପରେ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

### ବିଶ୍ୱଶାନ୍ତି ଶ୍ରୀବିଷ୍ଣୁ ନୃସିଂହ ମହାଯଜ୍ଞ ଉଦ୍‌ଯାପିତ

ଓଡ଼ାପଡ଼ା,୧୯।୨(ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ଏକଘରିଆ ଗ୍ରାମସ୍ଥିତ ଭକ୍ତ କବି ଦୀନକୃଷ୍ଣ ଦାସଙ୍କ ସାଧନା ପୀଠ ଶରଣ ଶ୍ରୀକ୍ଷେତ୍ରରେ ଚାଲିଥିବା ଶ୍ରୀଜଗନ୍ନାଥ କଥାମୃତ, ଚବିଶିବେଶ ପ୍ରଦର୍ଶନୀ ମହୋତ୍ସବ ଓ ବିଶ୍ୱଶାନ୍ତି ଶ୍ରୀବିଷ୍ଣୁ ନୃସିଂହ ମହାଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଶରଣ ଶ୍ରୀକ୍ଷେତ୍ର ବିକାଶ ପରିଷଦ ପକ୍ଷରୁ ଏହି କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ମହାବୀର ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟମାନେ ଓ ଅନ୍ୟାନ୍ୟ ଭକ୍ତମାନେ ସହଯୋଗ କରିଥିଲେ। ପ୍ରତ୍ୟେକ ଦିନ ଭକ୍ତମାନଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ଦିନ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁ କୃପା ଲାଭ କରିବା ସହିତ ପ୍ରସାଦସେବନ କରିଥିଲେ।

## ଓପେନ ମାଇକ୍ ନୋଷ୍ଟେଲଜିଆ କାର୍ଯ୍ୟକ୍ରମ

ଢେଙ୍କାନାଳ,୧୯।୨(ରତନ ନାୟାର)




ରୋଟାରାକ୍ଟ ପକ୍ଷରୁ ଓପେନ ମାଇକ୍ ନୋଷ୍ଟେଲଜିଆ କାର୍ଯ୍ୟକ୍ରମ।

ଢେଙ୍କାନାଳ ରୋଟାରାକ୍ଟ କ୍ଲବ୍ ପକ୍ଷରୁ ସ୍ଥାନୀୟ ରୋଟାରୀ କ୍ଲବ ପରିସରରେ ଓପେନ ମାଇକ ନୋଷ୍ଟେଲଜିଆ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନର ଛାତ୍ରୀଛାତ୍ର ଏବଂ ଯୁବତୀ ଯୁବକମାନେ ଯୋଗଦେଇ ଗୀତ, ନୃତ୍ୟ, କବିତା, ଗଳ୍ପ ପଠନ ଏବଂ ଗିଟାର ବାଦନ କରିଥିଲେ। କବିତା ପାଠରେ ଭାରତୀୟ ଜନ ସଞ୍ଚାର ସଂସ୍ଥାନ ଢେଙ୍କାନାଳର ଛାତ୍ରୀ ପ୍ରିନ୍ସି ଯାଦବ, ରୋଜ ନିଗମ, ଅମ୍ରିତା ପ୍ରିୟା, ମମିତ ମହନ୍ତଙ୍କୁ ପୁରସ୍କୃତ କରାଯାଇଥିଲା। ଦେବାଶିଷ ବିଷୋୟୀଙ୍କୁ ଗୀତାର ବାଦନ ଏବଂ ସଙ୍ଗୀତ ପରିବେଷଣ, ସାନଭି ମିଶ୍ରଙ୍କୁ ନୃତ୍ୟ ପାଇଁ ପୁରସ୍କୃତ କରାଯାଇଥିଲା। ଅତିଥି ଭାବେ ରୋଟାରୀ କ୍ଲବର ପୂର୍ବତନ ସଭାପତି ହର୍ଷବର୍ଦ୍ଧନ ସିଂଦେଓ, ରୋଟାରୀ କ୍ଲବ୍ ଢେଙ୍କାନାଳର ଡାଇରେକ୍ଟର ସାଗରିକା ମିଶ୍ର, ବିଚାରକ ଭାବେ ଡ. ପୁଷ୍ପଲତା ରଥ ଏବଂ ଇନରହ୍ୱିଲ କ୍ଲବ ପୂର୍ବତନ ସଭାନେତ୍ରୀ ଇଶ୍ୱରୀ ଝାୱର୍ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ରୋଟ୍ରାକ୍ଟ କ୍ଲବ୍ ଅଫ ଢେଙ୍କାନାଳର ପୂର୍ବତନ ଚାର୍ଟର ସଭାପତି ଅବିନାଶ ସାହୁ ପରିଚାଳନା କରିଥିଲେ। ସଭାପତି ଶିବପ୍ରସାଦ ସ୍ୱାଇଁ ଓ ସମ୍ପାଦିକା ଅମ୍ରିତା ମିଶ୍ର କ୍ଲବର ବିବରଣୀ ପ୍ରଦାନ କରିଥିଲେ। ରଞ୍ଜନ, ଅଭିଳାଷ, ଆମିଶା, ପ୍ରେମଜିତ, ଆଶୀର୍ବାଦ, ପୁଷ୍ପେନ୍ଦ୍ର, ମୁକୁନ୍ଦ, ଅନିସ, ଅବିନାଶ ମହାପାତ୍ର ଓ କାଦମ୍ବିନୀ ମହାକୁଡ ପ୍ରମୁଖ ସହଯୋଗ କରିଥିଲେ।

## ଏସ୍‌ପି ଅଫିସ ଆଗରେ ଧାରଣା



ମୃତ ଅଜୟ କୁମାର ସ୍ୱାଇଁ(ଫାଇଲ୍ ଫଟୋ) ଓ ଏସ୍‌ପି ଅଫିସ ସମ୍ମୁଖରେ ପରିବାର ଲୋକଙ୍କ ଧାରଣା।

### ବିଟ୍ସ କଲେଜରେ ଯୁବକଙ୍କ ମୃତଦେହ ମିଳିବା ଘଟଣା

ବାଲେଶ୍ୱର,୧୯।୨(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ପୋଲିସର ଅଜବ ନୀତି ନେଇ ବଢୁଛି ଲୋକଙ୍କ ସମସ୍ୟା। ଘଟଣା କିମ୍ବା ଦୁର୍ଘଟଣାରେ ମାମଲା ରୁଜୁ କରି ତଦନ୍ତ କରିବା ବଦଳରେ ସମାଧାନ କରି ମାମଲାକୁ ରଫାଦଫା କରିବା ଉପରେ ପୋଲିସ ଗୁରୁତ୍ୱ ଦେଉଥିବା ଅଭିଯୋଗ ହେଉଛି। ଏକ ଘରୋଇ ଟେକ୍ନିକାଲ କଲେଜରେ ଯୁବକଙ୍କ ମୃତଦେହ ପଡ଼ିଥିବା ଦେଖି ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଘଟଣାକୁ ରଫାଦଫା କରିବା ପାଇଁ ସ୍ଥାନୀୟ ଭଦ୍ର ଲୋକ, କଲେଜ କର୍ତ୍ତୃପକ୍ଷ ଏବଂ ମୃତକଙ୍କ ପରିବାର ଲୋକଙ୍କୁ ବସାଇ ଘଟଣାକୁ ଚପାଇ ଦେବା ପାଇଁ ଥାନା ପରିସରରେ ଆଲୋଚନା ହୋଇଥିଲା। ପୋଲିସ ୧୦ଲକ୍ଷ ଟଙ୍କା ଯାଚିଥିବା ମୃତକଙ୍କ ବାପା ଅଭିଯୋଗ କରିଛନ୍ତି।

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଶିଳ୍ପାଞ୍ଚଳ ଥାନା ସୋମନାଥପୁର ଅଞ୍ଚଳରେ ଥିବା ବାଲେଶ୍ୱର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଷ୍ଟଡିଜ୍ (ବିଟ୍ସ) କଲେଜ ପରିସରରେ ଗତ ୧୫ତାରିଖ ମଧ୍ୟରାତ୍ରରେ ବୈଷ୍ଣବବାଡ଼ ଅଞ୍ଚଳର ଅଜୟ କୁମାର ସ୍ୱାଇଁ(୩୫)ଙ୍କ ରକ୍ତଜୁଡୁବୁଡୁ ମୃତଦେହ ମିଳିଥିଲା। ଏ ନେଇ ଶିଳ୍ପାଞ୍ଚଳ ଥାନାରେ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲେ ମଧ ପୋଲିସ ମାମଲା ରୁଜୁ ନ କରି ସମାଧାନ ପାଇଁ ମଧ୍ୟସ୍ଥି କରିବା ଘଟଣାକୁ ବିରୋଧ କରି ସୋମବାର ପରିବାର ଲୋକେ ଏସ୍‌ପିଙ୍କ ଅଫିସ୍ ସମ୍ମୁଖରେ ଧାରଣା ଦେଇଥିଲେ। ଅତିରିକ୍ତ ଏସ୍‌ପି ପ୍ରଦୀପ କୁମାର ଦଳାଇ ସେମାନଙ୍କ ଅଭିଯୋଗ ଗ୍ରହଣ କରି ନ୍ୟାୟ ପ୍ରଦାନ କରାଯିବାର ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଓହରିଥିଲେ। ଏହାପରେ ଶିଳ୍ପାଞ୍ଚଳ ଥାନା ଅଧିକାରୀ ଶ୍ୟାମଘନ ବେହେରା ଏକ ମାମଲା (ନଂ.୪/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

୧୫ ତାରିଖ ସନ୍ଧ୍ୟାରେ ଅଜୟ ଘରୁ ବାହାରି ଆସି ରାତି ୧୦ଟାରେ ବିଟ୍ସ କଲେଜ ପରିସରରେ ହେଉଥିବା ଅଷ୍ଟପ୍ରହରୀ ଦେଖିବା ପାଇଁ ଯାଇଥିଲେ। ରାତି ସାଢେ ଗୋଟାଏରେ ଅଜୟ ରକ୍ତ ଜୁଡୁବୁଡୁ ଅବସ୍ଥାରେ କଲେଜ କ୍ୟାମ୍ପସରେ ପଡ଼ିରହିଥିବା ପରିବାର ଲୋକେ ଖବର ପାଇଥିଲେ। ପରେ ପରିବାର ଲୋକ ଓ ଗ୍ରାମବାସୀ କଲେଜ ସମ୍ମୁଖରେ ମୃତଦେହ ରଖି ହୋ-ହଲ୍ଲା କରିଥିଲେ ଏବଂ ମୃତ୍ୟୁ ପାଇଁ କଲେଜ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଥିଲେ। ତାଙ୍କ ପୁଅଙ୍କୁ ହତ୍ୟା କରାଯାଇଥିବା ନେଇ ଅଜୟଙ୍କ ବାପା ରବୀନ୍ଦ୍ର ନାଥ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଶିଳ୍ପାଞ୍ଚଳ ଥାନା ଅଧିକାରୀ ଶ୍ୟାମଘନ ଦଳେଇ କହିଛନ୍ତି, ଘଟଣା ଘଟିବା ପରେ ବହୁ ଲୋକ କଲେଜ ପରିସରରେ ପହଞ୍ଚି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି କରିଥିଲେ। ସେମାନଙ୍କୁ ବୁଝାଶୁଝା କରି ଥାନାକୁ ଡକାଯାଇଥିଲା। ଲିଖିତ ଅଭିଯୋଗ ଦେଇଥିଲେ। ଏନେଇ ଏକ ମାମଲା ରୁଜୁ କରାଯାଇଛି। ଥାନା ପକ୍ଷରୁ କିମ୍ବା ମୁଁ କୌଣସି ଅର୍ଥ ଯାଚିନାହିଁ। ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଏହାର ଉଚିତ୍ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ତତ୍କାଳ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ନିର୍ଦ୍ଦେଶ

### ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ

ଢେଙ୍କାନାଳ,୧୯।୨(ରତନ ନାୟାର)




ଜିଲାସ୍ତରୀୟ ପ୍ରସ୍ତୁତି ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

ଜିଲା ବିପର୍ଯ୍ୟୟ ପରିଚାଳନା ଓ ଜିଲା ପ୍ରଶାସନ ପକ୍ଷରୁ ସୋମବାର ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଜିଲା କାର୍ଯ୍ୟାଳୟର ସଦ୍‌ଭାବନା ଗୃହ ପରିସରରେ ଜିଲାପାଳ ମନୋରଞ୍ଜନ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗ୍ରୀଷ୍ମ ପ୍ରବାହରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ତତ୍କାଳ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଜିଲାପାଳ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସମସ୍ତ ସହରାଞ୍ଚଳରେ ଜଳଛତ୍ର ବ୍ୟବସ୍ଥା କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଅଗ୍ନିକାଣ୍ଡଜନିତ ଦୁର୍ଘଟଣା ପ୍ରତି ସତର୍କ ରହିବା ସହିତ ଜଙ୍ଗଲରେ କେହି ନିଆଁ ନ ଲଗାଇବାକୁ ପରାମର୍ଶ ଦିଆଯାଇଥିଲା। ଆସନ୍ତା ମାସଠାରୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଓ ମରାମତି ଶେଷ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଗ୍ରୀଷ୍ମ ପ୍ରବାହରେ ଆକ୍ରାନ୍ତଙ୍କ ଚିକିତ୍ସା ନିମନ୍ତେ ସମସ୍ତ ଗୋଷ୍ଠୀ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ ଓ ମୁଖ୍ୟ ଚିକିତ୍ସାଳୟରେ ମାର୍ଚ୍ଚ ୧ରୁ ଜୁନ ୧୫ ପର୍ଯ୍ୟନ୍ତ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ ବୋଲି ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳ କହିଥିଲେ। କୃଷିକାର୍ଯ୍ୟ ନିମନ୍ତେ ଜଳସେଚନ ବ୍ୟବସ୍ଥା, ସମସ୍ତ ନଳକୂଅକୁ କାର୍ଯ୍ୟକ୍ଷମ, ପ୍ରଚାର ଦ୍ୱାରା ଜନସାଧାରଣଙ୍କୁ ସଚେତନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶଚନ୍ଦ୍ର ସେଠି, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଲଳିତ ମୋହନ ବେହେରା, ସଦର ଉପଜିଲାପାଳ ସପନ କୁମାର ନନ୍ଦ, କାମାକ୍ଷାନଗର ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ, ହିନ୍ଦୋଳ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ, ଓସଡମାର କନ୍‌ସଲଣ୍ଟାଣ୍ଟ ସଙ୍ଗିତା ଦାଶଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲା ଆପାତକାଳୀନ ଅଧିକାରୀ ଅଶ୍ୱିନୀ କୁମାର ଦାଶ ଧନ୍ୟବାଦ ଦେଇଥିଲେ।

### ସରକାରୀ ମଦ ଦୋକାନରୁ ଚୋରି

#### ୪.୨ ଲକ୍ଷ ଟଙ୍କା ସହ ମଦ ନେଇଗଲେ

ବାସୁଦେବପୁର,୧୯।୨ (ନାରାୟଣ ପ୍ରସାଦ ବାରିକ୍)-ଭଦ୍ରକ ଜିଲା ବାସୁଦେବପୁର ସହର ମଧ୍ୟରେ ଥିବା କୋଅପରେଟିଭ ବ୍ୟାଙ୍କ ସାମ୍ନା ରାସ୍ତାପାର୍ଶ୍ୱରେ ଥିବା ଏକ ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନରୁ ରବିବାର ରାତିରେ ଚୋରି ହୋଇଛି। ଚୋରମାନେ ଦୋକାନ ଭାଙ୍ଗି ସିସିଟିଭି ହାର୍ଡଡିସ୍କ ସହ ନଗଦ ୪.୨ ଲକ୍ଷ ଟଙ୍କା ଚୋରି କରି ନେଇଛନ୍ତି। ଦୋକାନରେ ମହଜୁଦ ଥିବା ୩ ଲକ୍ଷରୁ ଉର୍ଦ୍ଧ୍ୱ ଦାମୀ ମଦ ମଧ ଚୋରି ହୋଇଥିବା ଦୋକାନୀ ଶଶୀଭୂଷଣ ବାରିକ ବାସୁଦେବପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରାକୁ ଚୋରମାନେ ଚୋରି କରି ନେଇଥିବାରୁ ଏହା ପେସାଦାର ଅପରାଧୀଙ୍କ କାମ ବୋଲି ସନ୍ଦେହ କରାଯାଉଛି।

## ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

### ଶିକ୍ଷକ ନିଯୁକ୍ତି ହେଲାନି

ବଇଣ୍ଡା,୧୯।୨(ପରିକ୍ଷିତ ସାହୁ)




ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଠେଲକନାଳି ସରକାରୀ ପ୍ରାଥମିକ ବିଦ୍ୟାଳୟ ବର୍ତ୍ତମାନ ସମସ୍ୟା ଘେରରେ ରହିଛି। ୫ଟି ଶ୍ରେଣୀକୁ ଜଣେ ଶିକ୍ଷକ ସମ୍ଭାଳୁ ଥିବାବେଳେ ଛାତ୍ରୀଛାତ୍ରଙ୍କ ପାଠପଢାରେ ସମ୍ପୂର୍ଣ୍ଣ ବ୍ୟାଘାତ ସୃଷ୍ଟି ହେଉଛି। ଆବଶ୍ୟକ ପରିମାଣର ଶିକ୍ଷକ ଯୋଗାଇ ଦେବା ପାଇଁ ବହୁବାର ଶିକ୍ଷା ବିଭାଗକୁ ଅବଗତ କରାଯାଇଥିଲେ ମଧ କୌଣସି ସୁଫଳ ନ ମିଳିବାରୁ ସୋମବାର ଗ୍ରାମବାସୀ, ଅଭିଭାବକ, ଶିକ୍ଷା କମିଟି ପକ୍ଷରୁ ବିଦ୍ୟାଳୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରାଯାଇଛି।

ଗ୍ରାମବାସୀ କହିଛନ୍ତି, ୧୯୫୭ ମସିହାରେ ଅଞ୍ଚଳବାସୀ ଏହି ବିଦ୍ୟାଳୟ ଅଞ୍ଚଳବାସୀ ସ୍ଥାପନ କରିଥିଲେ। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢାଯାଉଥିବାବେଳେ ୬୧ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ସରକାରୀ ନିୟମ ଅନୁଯାୟୀ ଏହି ବିଦ୍ୟାଳୟରେ ୩ ଜଣ ଶିକ୍ଷକ ନିଯୁକ୍ତି ପାଇବାର ଥିବାବେଳେ ଦୀର୍ଘ ବର୍ଷ ହେବ ୨ ଜଣ ଶିକ୍ଷକ ନିଯୁକ୍ତି ପାଇଥିଲେ। କିଛିମାସ ତଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ହଠାତ୍ ମୃତ୍ୟୁ ଘଟିବାରୁ ବର୍ତ୍ତମାନ ଜଣେ ଶିକ୍ଷକ ପାଠ ପଢାଉଛନ୍ତି। ଟ୍ରେନ ଲାଇନ କଡରେ ଏହି ବିଦ୍ୟାଳୟ ଥିବାବେଳେ ମାତ୍ର ଜଣେ ଶିକ୍ଷକ ଥିବାରୁ ଛାତ୍ରୀଛାତ୍ରମାନେ ଅସୁରକ୍ଷିତ ହୋଇ ପଡିଛନ୍ତି। ଅନେକ ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ଅଭାବ ଯୋଗୁ ଅଭିଭାବକମାନେ ବିଦ୍ୟାଳୟକୁ ପାଠ ପଢିବାକୁ ଛାଡୁ ନାହାନ୍ତି। ଏ ନେଇ ପୂର୍ବରୁ ଶିକ୍ଷକ ନିଯୁକ୍ତି ପାଇଁ ବହୁବାର ବିଇଓ କାର୍ଯ୍ୟାଳୟଠାରେ ଅଭିଯୋଗ କରିଥିଲେ ମଧ ଶିକ୍ଷକ ନିଯୁକ୍ତି କରାଯାଇନାହିଁ। ବିଦ୍ୟାଳୟରେ ୭ ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି କରା ନ ଗଲେ ତାଲା ପକାଇ ଆନ୍ଦୋଳନ କରାଯିବ ବୋଲି ତା ୦୧।୨।୨୦୨୩ରେ ଏକ ଦାବିପତ୍ର ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପ୍ରତିନିଧି ମଣ୍ଡଳୀ ଭେଟି ପ୍ରଦାନ କରିଥିଲେ। କୌଣସି ସୁଫଳ ନ ମିଳିବାରୁ ଗ୍ରାମବାସୀ ସୋମବାର ବିଦ୍ୟାଳୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଖବରପାଇ ସିଆରସିସି ଶରତ ସେଠୀ ଘଟଣାସ୍ଥଳ ରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିବା ସହ ଜଣେ ଶିକ୍ଷକଙ୍କୁ ଡେପୁଟିଟେଶନ ମାଧ୍ୟମରେ ଦେବା ପରେ ଆନ୍ଦୋଳନରୁ ଗ୍ରାମବାସୀ ଓହରିଥିଲେ। ଏକ ମାସ ମଧ୍ୟରେ ସ୍ଥାୟୀ ଶିକ୍ଷକ ନିଯୁକ୍ତ କରା ନ ଗଲେ ଆଗାମୀ ଦିନରେ ପୁଣି ତାଲା ପକାଇ ଆନ୍ଦୋଳନ କରାଯିବ ବୋଲି ଗ୍ରାମର ଅଗସ୍ତି ସାହୁ, ବୀରେନ୍ଦ୍ର ପ୍ରଧାନ, ଟିକିନା ସାହୁ, ସୁଶୀଲ ସାହୁ, ଦିଲୀପ ସାହୁ, ଭାଗୀରଥି ପ୍ରଧାନ, ସୁବାସ ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି।

**ଗୁଳିବିଦ୍ଧ ଦନ୍ତାକୁ ପୁଣି ଟ୍ରାଙ୍କୁଲାଇଜ**

ଛେଣ୍ଡିପଦା,(ଅଜିତ ଧଳ): ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳରେ ଗୁଳିବିଦ୍ଧ ଦନ୍ତାହାତୀକୁ ସୋମବାର ପୁଣିଥରେ ଟ୍ରାଙ୍କୁଲାଇଜ କରାଯାଇଛି। ଟ୍ରାଙ୍କୁଲାଇଜ ପରେ ନନ୍ଦନକାନନ ଓ ଢେଙ୍କାନାଳରୁ ଆସିଥିବା ଡାକ୍ତରୀ ଦଳ ଦନ୍ତାହାତୀର କ୍ଷତାକ୍ତ ସ୍ଥାନକୁ ଡ୍ରେସିଂ କରିବାସହ ଆଣ୍ଟିବାୟୋଟିକ ଇଞ୍ଜେକ୍ସନ ଦେଇ ଚିକିତ୍ସା କରାଇଥିଲେ। ଡିଏଫଓ ବିବେକ କୁମାର, ଏସିଏଫ ବିଦ୍ୟା ସାଗର, ରେଞ୍ଜର ଶୁଭ୍ରା ସୁଚିସ୍ମିତା ମହାପାତ୍ରଙ୍କ ଉପସ୍ଥିତିରେ ଦନ୍ତାର ଚିକିତ୍ସା କରାଯାଇଥିଲା। ହାତୀ ସୁସ୍ଥ ହୋଇ ଆସୁଥିବାବେଳେ ଠିକ୍ ଭାବେ ଖାଦ୍ୟ ପାନୀୟ ଗ୍ରହଣ କରୁଥିବା ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ସଜେଇ ହେଉଛି ମହିମାପୀଠ

ଢେଙ୍କାନାଳ,୧୯।୨(ରତନ ନାୟାର)


ମହିମାଗାଦି ଯୋରନ୍ଦା।

■୨୨ରୁ ବିଶ୍ୱ ପ୍ରସିଦ୍ଧ ମାଘମେଳା
■ସାଧୁସନ୍ଥଙ୍କ ଆଗମନରେ ଯୋରନ୍ଦା ଉତ୍ସବ ମୁଖର
■ପଲ୍ଲିଶ୍ରୀ ମେଳା ପାଇଁ ପ୍ରସ୍ତୁତି ଜୋର୍‌ଦାର

ବିଶ୍ୱପ୍ରସିଦ୍ଧ ମହିମାଧର୍ମର ପୀଠ ଢେଙ୍କାନାଳ ଜିଲାର ଯୋରନ୍ଦାଠାରେ ପ୍ରସିଦ୍ଧ ମାଘମେଳା ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବ। ଏଥିପାଇଁ ରାଜ୍ୟ ଓ ରାଜ୍ୟ ବାହାରର ବହୁ ସଂଖ୍ୟକ ମହିମା ସାଧୁ ସନ୍ନ୍ୟାସୀ ଆସି ଯୋରନ୍ଦାରେ ପହଞ୍ଚି ସାରିଲେଣି। ଏହାକୁ ନେଇ ଯୋରନ୍ଦା ଉତ୍ସବ ମୁଖର ହୋଇଉଠିଲାଣି। ମାଘମେଳା ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି।

ଚଳିତବର୍ଷ ମାଘ ମେଳା ଆସନ୍ତା ୨୨, ୨୩ ଓ ୨୪ ତାରିଖ ୩ ଦିନ ଧରି ଅନୁଷ୍ଠିତ ହେବ। ୨୨ ଓ ୨୩ ତାରିଖ ଦୁଇଦିନ ଧରି ବିଶ୍ୱ କଲ୍ୟାଣ ପାଇଁ ଘୃତାହୁତି କରାଯାଇ ଝାଡ଼ଦୀପ ପ୍ରଜ୍ୱଳନ ହେବ। ଚଳିତବର୍ଷ ଏହି ପ୍ରସିଦ୍ଧ ମେଳାରେ ବ୍ୟାପକ ଜନ ସମାଗମ ହେବାର ଆଶଙ୍କା କରାଯାଉଥିବାରୁ ଭଲ ବ୍ୟବସାୟ ଆଶାରେ ଉଠା ଦୋକାନୀମାନେ ଯୋରନ୍ଦାରେ ନିଜ ନିଜର ପସରା ମେଲାଇବା ଆରମ୍ଭ କଲେଣି। ବିଶ୍ୱ ପ୍ରସିଦ୍ଧ ମାଘମେଳାକୁ ଆସୁଥିବା ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭାବାବେଗକୁ ଦେଖି ପରମ୍ପରା ଓ ଭାଇଚାରା ମଧ୍ୟରେ ମେଳା ଆୟୋଜନ କରିବା ପାଇଁ ପ୍ରସ୍ତୁତି ଚାଲିଛି। ଇତିମଧ୍ୟରେ ୨ଟି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୋମବାର ଉପଜିଲାପାଳ ସନପ କୁମାର ନନ୍ଦଙ୍କ ସମେତ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର ପ୍ରମୁଖ ଯୋରନ୍ଦାଠାରେ ପହଞ୍ଚି ମେଳାର ସୁପରିଚାଳନା ପାଇଁ ଅନୁଧ୍ୟାନ ଓ ଆଲୋଚନା କରିଥିଲେ। ଚଳିତବର୍ଷ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡାକଡି କରାଯାଉଛି। ଟ୍ରାଫିକ ନିୟନ୍ତ୍ରଣ, ଯାନବାହନ ଚଳାଚଳ, ଯାତ୍ରୀଙ୍କ ଠାରୁ ଅଧିକ ଭଡ଼ା ଆଦାୟ ନ କରିବା, ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦେବା, ପାନୀୟଜଳ ଯୋଗାଣ ଓ ଆଶୁ ଚିକିତ୍ସା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ସେହିପରି ଆଲୋକୀକରଣ, ସାନିଟାଇଜେଶନ କରିବା ଆଦି ପ୍ରତି ଅଧିକ ଧ୍ୟାନ ଦିଆଯାଉଛି। ସେହିପରି ପ୍ରଥମ କରି ଉପଖଣ୍ଡସ୍ତରୀୟ ପଲ୍ଲିଶ୍ରୀ ମେଳା ଆୟୋଜିତ ହେବ। ଏଥିପାଇଁ ମଧ୍ୟ ପ୍ରସ୍ତୁତି ଜୋର୍ ଧରିଛି ବୋଲି ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ସୂଚନା ଦେଇଛନ୍ତି। ଚଳିତବର୍ଷ ମେଳାରେ ୯ ପ୍ଲାଟୁନ ପୋଲିସ ମୁତୟନ ପାଇଁ ଆଲୋଚନା ସରିଛି ବୋଲି ଅତିରିକ୍ତ ଏସ୍‌ପି ପ୍ରଧାନଙ୍କ ସୂଚନା ଦେଇଛନ୍ତି। ଜିଲାପାଳ ମନୋରଞ୍ଜନ ମଲ୍ଲିକ କହିଛନ୍ତି, ଶାନ୍ତିଶୃଙ୍ଖଳାର ସହ ପ୍ରସିଦ୍ଧ ମାଘମେଳାର ସୁପରିଚାଳନା ପାଇଁ ୨ଥର ପ୍ରସ୍ତୁତି ବୈଠକ ସରିଛି। ଚଳିତବର୍ଷ ଅଧିକ ଜନ ସମାଗମ ହେବାର ସମ୍ଭାବନା ରହିଛି। ଶାନ୍ତିଶୃଙ୍ଖଳାର ସହ ମେଳା ଶେଷ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରୁଛୁ। ସତ୍ୟ ମହିମା ଧର୍ମଧାମ ପରିଚାଳନା ସମିତି ବରିଷ୍ଠ ସନ୍ନ୍ୟାସୀ ବାବା ନିତ୍ୟାନନ୍ଦ ଦାସ କୁହନ୍ତି, ଚଳିତବର୍ଷ ୧୫୧ତମ ମାଘମେଳା ଅନୁଷ୍ଠିତ ହେଉଛି। କୋଭିଡ ପାଇଁ ମାଘମେଳାର ୧୫୦ବର୍ଷ ପୂର୍ତ୍ତି ଉତ୍ସବ ପାଳନ ହୋଇପାରିଲା ନାହିଁ। ଚଳିତବର୍ଷ ମେଳା ଭଲରେ ହେବ। ମହିମାଗାଦିର ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ୧୬୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏ ସଂକ୍ରାନ୍ତରେ କୌପୀନଧାରୀ ମହିମା ସମାଜର ସମ୍ପାଦକ ବାବା ସୁଶାନ୍ତ ଦାସ କୁହନ୍ତି, ଆସନ୍ତା ୨୨ ଓ ୨୩ ଦୁଇଦିନ ଧରି ବିଶ୍ୱ କଲ୍ୟାଣ ପାଇଁ ଝାଡଦୀପ ପ୍ରଜ୍ୱଳନ ହେବ। ଏଥିପାଇଁ ଓଡିଶାର ବିଭିନ୍ନ ଅଞ୍ଚଳ ସମେତ ଆନ୍ଧ୍ର, ଛତିଶଗଡ, ପଶ୍ଚିମବଙ୍ଗ, ବିହାର ଓ ଆସାମରୁ ସାଧୁ ସନ୍ନ୍ୟାସୀ ଓ ଶ୍ରଦ୍ଧାଳୁମାନଙ୍କର ଆଗମନ ହେଲାଣି।

# ୯୭ କେନ୍ଦ୍ରରେ ୧୬୭୮୦ ପରୀକ୍ଷାର୍ଥୀ

ଢେଙ୍କାନାଳ,୧୯।୨(ରତନ ନାୟାର)

ମାଟ୍ରିକ ପରୀକ୍ଷା ପାଇଁ ଢେଙ୍କାନାଳ ଜିଲାରେ ମୋଟ ୯୭ଟି କେନ୍ଦ୍ର କରାଯାଇଛି। ଏଥିରେ ମଙ୍ଗଳବାରଠାରୁ ୧୬ ହଜାର ୭୮୦ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏମାନଙ୍କ ମଧ୍ୟରେ ରେଗୁଲାର ପରୀକ୍ଷାର୍ଥୀ ୧୬, ୬୬୮ ଓ ଏକ୍ସ ରେଗୁଲାର ୩୪, ଷ୍ଟେଟ୍ ଓପନ ସ୍କୁଲ ସାର୍ଟିଫିକେଟରେ ୬୭ ପରୀକ୍ଷାର୍ଥୀ ଏବଂ ମଧ୍ୟମାରେ ୧୧ଜଣ ପରୀକ୍ଷାର୍ଥୀ ରହିଛନ୍ତି। ଏଥିପାଇଁ ଜିଲା ପ୍ରଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ପରୀକ୍ଷା ସକାଳ ୯ଟାରୁ ସାଢେ ୧୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରାୟ ଦେଢ଼ ଘଣ୍ଟା ପୂର୍ବରୁ ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରରେ ପ୍ରବେଶ କରିବେ। ପ୍ରଶ୍ନପତ୍ର ରହିବା ପାଇଁ ୧୦ଟି ନୋଡାଲ ସେଣ୍ଟର କରାଯାଇଛି। ଢେଙ୍କାନାଳ ଓ କଙ୍କଡାହାଡ ବ୍ଲକରେ ୨ଟି ଲେଖାଏଁ ରହିଥିବା ବେଳେ ବାକି ସମସ୍ତ ବ୍ଲକରେ ଗୋଟିଏ ଲେଖାଏ କେନ୍ଦ୍ର ରହିଛି। ଚଳିତବର୍ଷ ପରୀକ୍ଷା କେନ୍ଦ୍ରକୁ ମୋବାଇଲ ଫୋନ୍ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଛି। ପରୀକ୍ଷା କେନ୍ଦ୍ର ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଅଧିକାରୀ ଓ କର୍ମଚାରୀ ଏବଂ ପ୍ରଶାସନିକ ଅଧିକାରୀମାନେ ପରୀକ୍ଷା କେନ୍ଦ୍ର ମଧ୍ୟରେ ମୋବାଇଲ ଫୋନ ରଖିପାରିବେ ନାହିଁ। କେବଳ ସୁପରିଣ୍ଟେଣ୍ଡେଣ୍ଟ ମୋବାଇଲ ବ୍ୟବହାର କରିପାରିବେ। ସେହିପରି କପି ରୋକିବା ପାଇଁ ବୋର୍ଡ ସ୍କ୍ୱାଡ୍ ବ୍ୟତୀତ ଜିଲା ଶିକ୍ଷା ବିଭାଗ ପକ୍ଷରୁ ୨ଟି ଓ ଜିଲାପାଳଙ୍କ ପକ୍ଷରୁ ଗୋଟିଏ ସ୍କ୍ୱାଡ୍ ଗଠନ କରାଯାଇଛି। ସେହିପରି ପୋଲିସ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡାକଡି କରାଯାଇଛି। ଏ ସଂକ୍ରାନ୍ତରେ ଜିଲାପାଳ ମନୋରଞ୍ଜନ ମଲ୍ଲିକ କହିଛନ୍ତି, ମାଟ୍ରିକ ପରୀକ୍ଷା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ସିସିଟିଭି ବ୍ୟବସ୍ଥା କରାଯାଇଛି। ପ୍ରଶ୍ନପତ୍ର ରଖାଯାଉଥିବା ୧୦ଟି ଯାକ ନୋଡାଲ ସେଣ୍ଟରରୁ ପୋଲିସ ସୁରକ୍ଷା ବଳରେ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଯିବ। ସୋମବାର ପରୀକ୍ଷାର ସୁପରିଚାଳନା ପାଇଁ ପ୍ରଶାସନିକ ଅଧିକାରୀ, ପୋଲିସ ଓ ଶିକ୍ଷା ବିଭାଗ ଅଧିକାରୀଙ୍କ ସହ ଆଲୋଚନା ସରିଛି। ଚଳିତବର୍ଷ ଭଲରେ ପରୀକ୍ଷା ହେବ ଏବଂ ପିଲାମାନେ ବହୁତ ଭଲ କରିବେ ବୋଲି ଆଶା ଓବିଶ୍ୱାସ ରହିଛି।

# ଶିଳ୍ପ ସମ୍ବନ୍ଧୀୟ ଜ୍ଞାନ ଆହରଣ ପରାମର୍ଶ



ଢେଙ୍କାନାଳସ୍ଥିତ ଇଣ୍ଡିଆନ ପଟାସ କମ୍ପାନୀ ପରିଭ୍ରମଣ କରୁଛନ୍ତି ଛାତ୍ରୀଛାତ୍ରମାନେ।

ଢେଙ୍କାନାଳ,୧୯।୨(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରଫେସନାଲ ଷ୍ଟଡି ଏମ୍‌ବିଏ, ଏମ୍‌ଏସ୍‌ସି କମ୍ପ୍ୟୁଟର ସାଇନ୍ସ ବିଭାଗର ଛାତ୍ରୀଛାତ୍ରମାନେ ସୋମବାର ଢେଙ୍କାନାଳସ୍ଥିତ ଇଣ୍ଡିଆନ ପଟାସ କମ୍ପାନୀ ପରିଭ୍ରମଣ କରିଥିଲେ। କଲେଜ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ, ଡ. ଦେବରାଜ ପରିଡ଼ା ଓ ବିଭାଗୀୟ ମୁଖ୍ୟ ଡ. ପ୍ରଦ୍ୟୁମ୍ନ କୁମାର ଦାଶ ପ୍ରମୁଖ ଶିଳ୍ପ ସମ୍ବନ୍ଧୀୟ ଜ୍ଞାନ ଆହରଣ କରିବା ନିମନ୍ତେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବରିଷ୍ଠ ଅଧ୍ୟାପକ ମୃତ୍ୟୁଞ୍ଜୟ ପଣ୍ଡା ଓ ଅଧ୍ୟାପିକା ଇନ୍ଦିରା ପ୍ରିୟଦର୍ଶିନୀ ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ କାରଖାନା ବୁଲି ଜ୍ଞାନ ଆହରଣ କରିଥିଲେ। ଶିଳ୍ପାନୁଷ୍ଠାନ ପକ୍ଷରୁ ମାନବ ସମ୍ବଳ ବିଭାଗ ଅଧିକାରୀ ଦେବଦତ୍ତ ପଟ୍ଟନାୟକ ଛାତ୍ରୀଛାତ୍ରମାନଙ୍କ ସହିତ ଆଲୋଚନା କରିବା ସହିତ କମ୍ପାନୀ ପରିସରରେ ଥିବା ଚିନି, ସୋୟାବଡି, ସ୍ପିରିଟ୍ ଆଦିର ପ୍ରକ୍ରିୟାକରଣ ଉପରେ ବୁଝାଇଥିଲେ। ଅଧ୍ୟାପିକା ମାନସୀ ରଥ, ରୋଜାଲିନ ବେହେରା, ଅଧ୍ୟାପକ ସୁଶାନ୍ତ କୁମାର ପାଲ, ସନ୍ତୋଷ କୁମାର ନନ୍ଦ ଓ କର୍ମଚାରୀମାନେ ଏହି ପରିଭ୍ରମଣରେ ସାମିଲ ହୋଇଥିଲେ।

# ନାଟ୍ୟକାର ଦୀନେଶ ଦାସଙ୍କୁ କୌସ୍ତୁଭମଣି ସମ୍ମାନ

**ପ୍ରୀତିର ପ୍ରୟାସର ୧୮ତମ ବାର୍ଷିକ ଉତ୍ସବ**

ଢେଙ୍କାନାଳ,୧୯।୨(ରତନ ନାୟାର)


ପ୍ରୀତିର ପ୍ରୟାସ ପକ୍ଷରୁ ନାଟ୍ୟକାରଙ୍କୁ ସମ୍ମାନିତ କରାଯାଉଛି।

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ହାଟୁରା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଭକ୍ତି ରସାତ୍ମକ ପତ୍ରିକା ପ୍ରୀତିର ପ୍ରୟାସର ୧୮ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜାତୀୟ ତଥା ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ନାଟ୍ୟକାର ଦୀନେଶ ଦାସଙ୍କୁ ସମ୍ମାନଜନକ କୌସ୍ତୁଭ ମଣି ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ବିଜୟ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମିନତୀ ସାମଲ, ପ୍ରମୋଦ କୁମାର ନନ୍ଦ, କବି ବାହାଦୂର ପାଟସାହାଣୀ, ନାଟ୍ୟକାର ଦୀନେଶ ଦାସ, ଭକ୍ତିମୟୀ ଦୀପିକା ମିଶ୍ର ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ପଣ୍ଡିତ ସତୀଷ ପ୍ରସାଦ ଆଚାର୍ଯ୍ୟ ଆଶୀର୍ବଚନ ପ୍ରଦାନ କରିଥିଲେ। ଅଖିଳ କୁମାର ପୃଷ୍ଟି ମଞ୍ଚ ସଂଯୋଜନା କରିଥିବା ବେଳେ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ସାହୁ ଅତିଥି ପରିଚୟ ଓ ଉଦ୍‌ଘାଟନୀ ଅଭିଭାଷଣ ପ୍ରଦାନ କରିଥିଲେ। ଆୟୋଜିତ କବିତାପାଠ କାର୍ଯ୍ୟକ୍ରମକୁ ରାଜୀବ ଗୋପାଳ ସ୍ୱାଇଁ, କରୁଣାକର ବାଇ, ନିବେଦିତା ରଥ, ନିର୍ମଳ କୁମାର ଆଚାର୍ଯ୍ୟ ଓ ସିପୁନୁ ଜେନା ସଂଯୋଜନା କରିଥିଲେ। ଅନୁଷ୍ଠାନ ପକ୍ଷରୁ ପଣ୍ଡିତ ସତୀଶ ପ୍ରସାଦ ଆଚାର୍ଯ୍ୟଙ୍କୁ ମଧୁକୋକିଳ ସମ୍ମାନ, ସଞ୍ଜୟ ଦାସଙ୍କୁ ଶମ୍ଭୁତୀର୍ଥ ସମ୍ମାନ, ଦୀପିକା ମିଶ୍ରଙ୍କୁ ପଞ୍ଚଜନ୍ୟ ସମ୍ମାନ, ନିର୍ଭୟ କୁମାର ପାଣି ଓ ରତିକାନ୍ତ ଗଡନାୟକଙ୍କୁ ପ୍ରୀତିର ପ୍ରୟାସ ସମ୍ମାନ, ସୁଶ୍ରୀ ଶ୍ରୁତି ବେହେରା ଏବଂ ସୁଶ୍ରୀ ପ୍ରୀତି ବେହେରାଙ୍କୁ ଭଗୀରଥ ଯୁବପ୍ରତିଭା ସମ୍ମାନ ଏବଂ ସୁଶ୍ରୀ ଆଞ୍ଚଲ ମାଝି ଓ ସୁଶ୍ରୀ ସରଇ ଅଂଶିକା ପ୍ରିୟଦର୍ଶିନୀଙ୍କୁ ଭାରତୀ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଶ୍ରୀକୃଷ୍ଣ ଦାସ, ଅଭୟ ଆଚାର୍ଯ୍ୟ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରତିକାନ୍ତ ଗଡନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ହାଟୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଆଚାର୍ଯ୍ୟା, ଆଚାର୍ଯ୍ୟ ଏବଂ ପରିଚାଳନା କମିଟି ସଦସ୍ୟ ସହଯୋଗ କରିଥିଲେ।

# ବାଘଧରିଆ ଗ୍ରାମରେ ମା' ବୁଢ଼ୀ ମହୋତ୍ସବ

ସାତମାଇଲ,୧୯।୨(ସୁଶାନ୍ତ ପତି)

ହିନ୍ଦୋଳ ଉପଖଣ୍ଡ ନୂଆବଗ ପଞ୍ଚାୟତ ବାଘଧରିଆ ଗ୍ରାମରେ ରବିବାର ମା' ବୁଢ଼ୀ ମହୋତ୍ସବ ପାଳିତ ହୋଇଯାଇଛି। ବାଘଧରିଆ ଗ୍ରାମର ଯୁବକସଂଘ ତତ୍ତ୍ୱାବଧାନରେ ଏହି ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଆଖପାଖ ଅଞ୍ଚଳର ବହୁ ପ୍ରତିଭା ସମ୍ପନ୍ନ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ୨ନଂ. ଜୋନ୍ ଜିଲାପରିଷଦ ସଭ୍ୟ ସୁମନ୍ତ ଦେହୁରୀ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମାନସ ଦେହୁରୀ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନିଜର ଶ୍ରେଷ୍ଠତା ପ୍ରତିପାଦନ କରିଥିବା ବିଭିନ୍ନ କୃତୀ ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ବାଘଧରିଆ ଗ୍ରାମବାସୀ ସହଯୋଗ କରିଥିଲେ।



# ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ,ଉତ୍ତେଜନା

ଢେଙ୍କାନାଳ,୧୯।୨(ରତନ ନାୟାର)



ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି।

ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟର ଜଣେ ମହିଳା ଡିଲିଂ ଆସିଷ୍ଟାଣ୍ଟ ଜଣେ ଆଇନଜୀବୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଅଭିଯୋଗକୁ ନେଇ ଜିଲା ଓକିଲ ସଂଘ ପକ୍ଷରୁ ସୋମବାର ଅପରାହ୍ନ ୧ଟାରେ ତୀବ୍ର ପ୍ରତିବାଦ କରାଯାଇଥିଲା। ଆଇନଜୀବୀମାନେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକକୁ ତାଲା ପକାଇବା ସହ ଘେରାଉ କରିଥିଲେ। ଫଳରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା।

ସଂଘର ଜିଲା ସଭାପତି ଗୋପାଳଚନ୍ଦ୍ର ପାତ୍ର କହିଛନ୍ତି, ଆଇନଜୀବୀ ସଞ୍ଜୟ କୁମାର ସାହୁ କୌଣସି କାର୍ଯ୍ୟରେ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଉପଜିଲାପାଳ ଅନୁପସ୍ଥିତ ଥିବା ଦେଖି ସେ କାର୍ଯ୍ୟାଳୟରେ ଜଣେ ମହିଳା ଡିଲିଂ ଆସିଷ୍ଟାଣ୍ଟଙ୍କୁ ଉପଜିଲାପାଳ ନାହାନ୍ତି କି ବୋଲି ପଚାରିବାରୁ ସମ୍ପୃକ୍ତ ମହିଳା ଡିଲିଂ ଆସିଷ୍ଟାଣ୍ଟ ତାଙ୍କୁ ଚଢ଼ା ଗଳାରେ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏପରି ଦୁର୍ବ୍ୟବହାର ସମ୍ପର୍କରେ ଆଇନଜୀବୀ ପଚାରିବାରୁ ମହିଳା ଡିଲିଂ ଆସିଷ୍ଟାଣ୍ଟ ଜଣକ ପୁଣିଥରେ ଚଢା ଗଳରେ କହିଥିଲେ। ଏ ସମ୍ପର୍କରେ ଆଇନଜୀବୀ ଜିଲା ସଂଘର ଦୃଷ୍ଟି ଆକର୍ଷଣ କରିଥିଲେ। ସଂଘ ସଭାପତିଙ୍କ ସମେତ ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ପୂର୍ବତନ ସଭାପତି ସଞ୍ଜୟ କୁମାର ମିଶ୍ର, ବରିଷ୍ଠ ଆଇନଜୀବୀ ପତିତପାବନ ମିଶ୍ର, ଦୁର୍ଗା ପ୍ରସାଦ ଶତପଥୀ, ସୁବାସିନୀ ମହାକୁଡ, ନିର୍ମଳ ମିଶ୍ରଙ୍କ ସମେତ ବହୁ ସଂଖ୍ୟାରେ ଆଇନଜୀବୀ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଘଟଣାର ତୀବ୍ର ପ୍ରତିବାଦ କରିଥିଲେ। କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ଏଥିସହିତ ସମ୍ପୃକ୍ତ ମହିଳା ଡିଲିଂ ଆସିଷ୍ଟାଣ୍ଟଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଖବରପାଇ ଉପଜିଲାପାଳ ସପନ କୁମାର ନନ୍ଦଙ୍କ ସମେତ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର, ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ ପ୍ରମୁଖ ଆଇନଜୀବୀମାନଙ୍କୁ ବୁଝାଶୁଝା କରିଥିଲେ। ଖବରପାଇ ଜିଲାପାଳ ମନୋରଞ୍ଜନ ମଲ୍ଲିକ ଫୋନ ଯୋଗେ ଜିଲା ଓକିଲ ସଂଘ ସଭାପତିଙ୍କ ସହ କଥାବାର୍ତ୍ତା ହୋଇଥିଲେ। ଏହାପରେ ସମ୍ପୃକ୍ତ ମହିଳା ଡିଲିଂ ଆସିଷ୍ଟାଣ୍ଟ ଭୁଲ ସ୍ୱିକାର କରିବା ପରେ ଘେରାଉ ପ୍ରତ୍ୟାହୃତ ହୋଇଥିଲା।

# ମିଶନ ସୁରକ୍ଷା କାର୍ଯ୍ୟକ୍ରମ

ଢେଙ୍କାନାଳ,୧୯।୨(ରତନ ନାୟାର)

ଢେଙ୍କାନାଳ ଜିଲାର ସମରକଳା ଅନୁଷ୍ଠାନ ପେନକାକ୍ ସିଲାଟ ଆସୋସିଏଶନ ଓ ଗୁରୁଦେବଜୀ ଫାଉଣ୍ଡେଶନର ଗୁରୁକୁଳ ପ୍ରଶିକ୍ଷଣ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ସହରର ୪ ନଂ. ୱାର୍ଡସ୍ଥିତ ଜର୍ଜ ପ୍ରାଥମିକ ବିଦ୍ୟାଳୟ ପରିସରରେ ସୋମବାର ଏକଦିବସୀୟ ସମରକଳା ଆତ୍ମରକ୍ଷା କଳା କୌଶଳ ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପ୍ରଶିକ୍ଷକ ଭାବେ ଇଂ ସୌମ୍ୟବ୍ରତ ସାହୁ ଉପସ୍ଥିତ ରହି ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ଶାରୀରିକ ବ୍ୟାୟାମ, ପେନକାକ୍ ସିଲାଟ କୌଶଳ, ଆତ୍ମରକ୍ଷା କୌଶଳ ଓ ମାନସିକ ବିକାଶ ଶିକ୍ଷା ପ୍ରଦାନ କରିଥିଲେ।


ମିଶନ ସୁରକ୍ଷା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ କୌଶଳ ଶିଖାଯାଉଛି।

# ଉଜୁଡ଼ି ଯାଇଥିବା ଶିଳ୍ପର ପୁନରୁଦ୍ଧାର ଦାବି

ଢେଙ୍କାନାଳ,୧୯।୨(ରତନ ନାୟାର)


ବନ୍ଦ ହୋଇ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ଗୋବିନ୍ଦପୁର କଳିଙ୍ଗ ସୂତାକଳ।

ଏକଦା ଢେଙ୍କାନାଳ ସହରର ଆଖପାଖ ଅଞ୍ଚଳ ଶିଳ୍ପକରିଡର ଭାବେ ପରିଚିତ ଥିଲା। ସହରଠାରୁ ପ୍ରାୟ ୧୫ କି.ମି. ମଧ୍ୟରେ ୮୦ ଦଶକରେ ବହୁ ଛୋଟବଡ ଶିଳ୍ପାନୁଷ୍ଠାନ ଗଢିଉଠିବା ଦ୍ୱାରା ନିକଟବର୍ତ୍ତୀ ଅଞ୍ଚଳର ଲୋକମାନଙ୍କୁ ରୋଜଗାର ମିଳିପାରୁଥିଲା। କିନ୍ତୁ ରକ୍ଷଣାବେକ୍ଷଣ ଅଭାବ, ପରିଚାଳନାଗତ ତ୍ରୁଟି ଓ ସରକାରଙ୍କ ଆନ୍ତରିକତା ଅଭାବରୁ ଧୀରେ ଧୀରେ ଅଧିକାଂଶ ଶିଳ୍ପାନୁଷ୍ଠାନ ଉଜୁଡି ଯାଇଥିଲା। ଫଳରେ ବହୁଲୋକ ନିଜର ଜୀବନ ଜୀବିକାକୁ ହରାଇ ବଞ୍ଚିବା ପାଇଁ ସଂଗ୍ରାମ କରୁଥିବାବେଳେ କିଛିଲୋକ ଦିନ ମଜୁରିଆ ଭାବେ ମଧ୍ୟ କାମ କରୁଛନ୍ତି।

ଢେଙ୍କାନାଳ ସହର ନିକଟସ୍ଥ ସଦର ବ୍ଲକର ଗୋବିନ୍ଦପୁର ଅଞ୍ଚଳରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଉଦ୍ୟମରେ ୧୯୭୯ ମସିହାରେ ୫୨ ଏକର ପରିମିତ ଜାଗାରେ କଳିଙ୍ଗ ସମବାୟ ସୂତାକଳ ପ୍ରତିଷ୍ଠା ହୋଇଥିଲା। ଏହି ସୂତାକଳରେ ଗୋବିନ୍ଦପୁର ସମେତ ବଳଦିଆବନ୍ଧ, ତାଳବରକୋଟ, ସିଆରିଆ, ମାଣିପୁର, ଦେଓପଡା ଆଦି ଅଞ୍ଚଳର ବହୁ ଲୋକ ରୋଜଗାରକ୍ଷମ ହୋଇ ଜୀବନଜୀବିକା ନିର୍ବାହ କରୁଥିଲେ। ୧୯୯୨ ମସିହା ପର୍ଯ୍ୟନ୍ତ ଏହି ସୂତାକଳଟି ଲାଭରେ ଚାଲୁଥିବାବେଳେ ପରବର୍ତ୍ତୀ ସମୟରେ ପରିଚାଳନାଗତ ତ୍ରୁଟି ଯୋଗୁ ୨୦୦୨ ପରଠାରୁ ଏହା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ପୂର୍ବତନ ବିଧାୟକ ନବୀନ ନନ୍ଦ ବହୁ ସମୟରେ ଏହି ସୂତାକଳକୁ କାର୍ଯ୍ୟକ୍ଷମ କରିବା ପାଇଁ ତତ୍କାଳୀନ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଢେଙ୍କାନାଳର ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ୨୦୨୦ ମସିହାରେ ଏହି ସୂତାକଳର ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏମ୍‌ପି ମହେଶ ସାହୁଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଶିଳ୍ପ କରିଡର କୁହାଯାଉଥିବା ଗୁଣ୍ଡିଚାପଡା ଶିଳ୍ପାନୁଷ୍ଠାନରେ ଏକଦା ଗୁଣ୍ଡିଚାପଡା, ଇନ୍ଦିପୁର, ଛାଟିଆ, ଖୁଣ୍ଟଝରି, ସିମିନଇ, ଚାଇଁପୁର, ଢେଙ୍କାନାଳ ସହର, ଗେଙ୍ଗୁଟିଆ, ବାରଦା, ବଳଭଦ୍ରପୁର ଆଦି ଗ୍ରାମର ବହୁ ଲୋକଙ୍କୁ ରୋଜଗାରକ୍ଷମ କରାଇଥିବା ଏସ୍‌ଏନ୍ କର୍ପୋରେଶନ, ଇପିଟାଟା, ଇପିଷ୍ଟିଲ, ଉତ୍କଳ ଇଲେକ୍ଟ୍ରିକାଲ କାଷ୍ଟ୍ରୋ, ଓଡ଼ିଶା ଏୟାର ପ୍ରଡକ୍ଟ ଭଳି ଶିଳ୍ପାନୁଷ୍ଠାନ ଆଜିକୁ ବହୁବର୍ଷ ହେଲା ବନ୍ଦପଡି ଏହା ବଣବୁଦାରେ ପରିଣତ ହେଲାଣି। ସେହିପରି ଝାରଗାଡିଆ ବଉଳପୁରସ୍ଥିତ ପଲିଷ୍ଟର କାରଖାନା ବନ୍ଦ ହୋଇଯାଇଥିବାବେଳେ ଏହା ମଧ୍ୟରୁ ସମସ୍ତ ଯନ୍ତ୍ରପାତି କାଟି ନିଆଯାଇଛି। ଏହିସବୁ ଶିଳ୍ପାନୁଷ୍ଠାନରେ କାର୍ଯ୍ୟ କରୁଥିବା ବହୁ ସଂଖ୍ୟାରେ ଲୋକମାନେ ନିଜର ରୋଜଗାର ହରାଇ ହାତବାନ୍ଧି ବସିଛନ୍ତି। ଶନିବାର ଚୌଦ୍ୱାରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଶିଳ୍ପାୟନର ପୁନଃବିକାଶ ଅବସରରେ ବିଶ୍ୱପ୍ରସିଦ୍ଧ ବୟନଶିଳ୍ପ କମ୍ପାନୀ ୱେଲସ୍ପନ ଟେକ୍ସଟାଇଲ କମ୍ପ୍ଲେକ୍ସ ଶିଳାନ୍ୟାସକୁ ଢେଙ୍କାନାଳ ସକ୍ରିୟ ନାଗରିକ ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ ସ୍ୱାଗତ କରିଛନ୍ତି। ଏଥିସହିତ ଚୌଦ୍ୱାରଠାରୁ ପ୍ରା.ୟ ୩୦କି.ମି. ଦୂରରେ ଥିବା ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁରସ୍ଥିତ କଳିଙ୍ଗ ସମବାୟ ସୂତାକଳ ଏବଂ ଗୁଣ୍ଡିଚାପଡା ଶିଳ୍ପାଞ୍ଚଳରେ ବନ୍ଦ ପଡ଼ିଥିବା ଶିଳ୍ପାନୁଷ୍ଠାନ ଗୁଡିକର ପୁନରୁଦ୍ଧାର କରିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି।

# ଶନି ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ

ବଇଣ୍ଡା,୧୯।୨(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଥାନା ଗାଁ ବଇଣ୍ଡା ପଞ୍ଚାୟତ ମଦନ ପଡା ସାହିରେ ଏକ ନୂତନ ଶନି ମନ୍ଦିର ନିର୍ମାଣ ହେବ। ଏ ନେଇ ମନ୍ଦିର ପରିଚାଳନା କମିଟି ଓ ଅଞ୍ଚଳବାସୀଙ୍କ ପକ୍ଷରୁ ସୋମବାର ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଳସରେ ପାଣି ଆଣିବା ପରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପୂଜକ ପପୁ ନନ୍ଦ ଯଥା ରୀତିନୀତି ଅନୁସାରେ ପୂଜା କରିଥିଲେ। ପୂଜକ ତ୍ରିନାଥ ମହାପାତ୍ର, ଦୀପକ ମହାପାତ୍ର ନବଗ୍ରହଙ୍କୁ ପୂଜା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରୁ ନାମ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ କରିଥିଲେ। ଏଥିରେ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ମନ୍ଦିର କମିଟିର ମାନସ ରଞ୍ଜନ ସାହୁ, ରଜତ ମହାପାତ୍ର, ସନ୍ତୋଷ ସାହୁ, ପ୍ରତାପ ସାହୁ, ବିଦ୍ୟୁତ୍ ସାହୁ ସହଯୋଗ କରିଥିଲେ।



# ପରୀକ୍ଷା ଦେବେ ୧୭,୦୯୪ ଛାତ୍ରୀଛାତ୍ର

ଅନୁଗୋଳ, ୧୯।୨ (ଅମିତ କୁମାର ସାମଲ)

ଅନୁଗୋଳରେ ମାଟ୍ରିକ ପରୀକ୍ଷା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ମଙ୍ଗଳବାରଠାରୁ ଏହି ପରୀକ୍ଷା ଆରମ୍ଭ ହେବାକୁ ଥିବାବେଳେ ଜିଲାରେ ମୋଟ ୯୨ଟି କେନ୍ଦ୍ର କରାଯାଇଛି। ଏଥିରେ ୧୭ ହଜାର ୯୪ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ରଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। କପି ରୋକିବାକୁ ମଧ୍ୟ ତ୍ରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି ବୋଲି ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ଜିଲାରେ ପ୍ରଶ୍ନପତ୍ର ରଖିବାକୁ ୮ଟି ବ୍ଲକରେ ୮ଟି ନୋଡାଲ ସେଣ୍ଟର କରାଯାଇଛି। ଏହି ନୋଡାଲ ସେଣ୍ଟରଗୁଡ଼ିକ ସିସିଟିଭି ନଜରରେ ରହିଥିବାବେଳେ ଅଧିକ ସୁରକ୍ଷିତ ପାଇଁ ୩ ସ୍ତରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ଜିଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ପର୍ଯ୍ୟବେକ୍ଷକ ଥିବାବେଳେ ବୋର୍ଡ ଓ ପ୍ରଶାସନ ପକ୍ଷରୁ ଜଣେ ଲେଖାଏ ପର୍ଯ୍ୟବେକ୍ଷକ ରହିଛନ୍ତି। ସେହିଭଳି କପି ରୋକିବାକୁ ମଧ ବ୍ୟାପକ ବ୍ୟବସ୍ଥା ହୋଇଛି। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୨ଟି ସ୍କ୍ୱାଡ୍, ବୋର୍ଡ ଓ ପ୍ରଶାସନ ପକ୍ଷରୁ ସ୍କ୍ୱାଡ୍ ଗଠନ କରାଯାଇଛି। ୯ଟି ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ର ରହିଛି। ବଅଁରପାଳ ବ୍ଲକକୁ ଛାଡ଼ିଦେଲେ ଅନୁଗୋଳ ବ୍ଲକର ପୋକତୁଙ୍ଗା ଉଚ୍ଚ ବିଦ୍ୟାଳୟ, ଆଠମଲ୍ଲିକର ପୁରୁଣାମାଣ୍ତ୍ରି ଉଚ୍ଚ ବିଦ୍ୟାଳୟ, ଛେଣ୍ଡିପଦାର ଗଡ଼ମଣ୍ଡଳ ଉଚ୍ଚ ବିଦ୍ୟାଳୟ ଓ ପୋଢ଼ାପଡ଼ା ଉଚ୍ଚ ବିଦ୍ୟାଳୟ, ତାଳଚେର ପଡ଼ିଆଭଙ୍ଗା ଉଚ୍ଚ ବିଦ୍ୟାଳୟ, କଣିହାଁର ପଞ୍ଚାୟତ ହାଇସ୍କୁଲ ବିଜିଗୋଳ, ପାଲଲହଡ଼ାର ଆଞ୍ଚଳିକ ବାଳିକା ଉଚ୍ଚ ବିଦ୍ୟାଳୟ ଓଡ଼ଶ, ମାଲ୍ୟଗିରି ହାଇସ୍କୁଲ ମୁଛାପୁର ଏବଂ କିଶୋରନଗରର ଆର୍‌ଡି ହାଇସ୍କୁଲ କିଶୋରଗଞ୍ଜ ବିଦ୍ୟାଳୟକୁ ସମ୍ବେଦନଶୀଳ କେନ୍ଦ୍ର ଭାବେ ବିବେଚିତ କରାଯାଇଛି। ତେବେ ଜିଲାରେ ୧୯ଟି ସ୍ଥାନରେ ସିସିଟିଭି ବ୍ୟବସ୍ଥା କରାଯାଇଛି। ୮ଟି ନୋଡାଲ କେନ୍ଦ୍ର ସହ ବୋର୍ଡ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ୧୧ଟି ପରୀକ୍ଷା କେନ୍ଦ୍ରରେ ସିସିଟିଭିର ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ, ଜିଲାରେ ଥିବା ୨୬୩ଟି ବିଦ୍ୟାଳୟରୁ ୧୬,୭୧୩ ଜଣ ରେଗୁଲାର ଓ ୫ ଜଣ ଏକ୍ସରେଗୁଲାର ଛାତ୍ରୀଛାତ୍ର ଥିବାବେଳେ ୩୫୬ ଜଣ ରାଜ୍ୟ ମୁକ୍ତ ବିଦ୍ୟାଳୟ (ଏସ୍‌ଓସି) ଓ ୨୦ ଜଣ ଛାତ୍ରୀଛାତ୍ର ମଧ୍ୟମା ପରୀକ୍ଷା ଦେବେ ବୋଲି ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

**ମାଟ୍ରିକ ପରୀକ୍ଷା ପାଇଁ ଅନୁଗୋଳରେ ୯୨ କେନ୍ଦ୍ର**

# ଦେଉଳଝରିକୁ ପଲିଥିନମୁକ୍ତ ନିଷ୍ପତ୍ତି




ଆଠମଲ୍ଲିକ,୧୯।୨(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକର ପ୍ରସିଦ୍ଧ ଶୈବପୀଠ ଦେଉଳଝରିରେ ମହା ଶିବରାତ୍ରି ଓ ଦୋଳ ଯାତ୍ରା ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଦେବୋତ୍ତର ଅଧିକାରୀ ତଥା ଉପଜିଲାପାଳ ଡ. ଜିତେନ୍ଦ୍ର କୁମାର ପାତ୍ର ବୈଠକରେ ଅଧ୍ୟକ୍ଷତା କରିବା ସହିତ ମହା ଶିବରାତ୍ରି ଓ ଦୋଳଯାତ୍ରାକୁ ଶୃଙ୍ଖଳିତ କରିବା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଦେଉଳଝରି ଓ ସହରସ୍ଥିତ ରାମେଶ୍ୱର ପାଟଣା ମହାଦେବ ମନ୍ଦିରରେ ରାତି ୧୧ଟା ୨୮ରେ ମହାଦୀପ ଉଠିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ମନ୍ଦିର ପରିସରରେ ଶ୍ରଦ୍ଧାଳୁମାନଙ୍କ ପାଇଁ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ସହିତ ପଲିଥିନ ମୁକ୍ତ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ଏଥିସହ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀଙ୍କ ହୋଲି କା ଦହନ ଓ ଦୋଳ ଯାତ୍ରା ଧୁମଧାମରେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସୂଚନା ଲୋକ ସମ୍ପର୍କ ଅଧିକାରୀ ସୁଜିତ କୁମାର ଭୋଇ ପୂର୍ବବର୍ଷର ବିବରଣୀ ପାଠ କରିଥିଲେ। ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ଦେବୋତ୍ତର ସହାୟକ ନଗେନ ରାଉତ, ଦେବତ୍ତର ପୂଜକ ପ୍ରଫୁଲ୍ଲ ପାଣିଗ୍ରାହୀ, ଦେଉଳଝରି ସେବାୟତ ସଂଘ ସଭାପତି ଧାର୍ମିକ ପରିଚ୍ଛା, ସମ୍ପାଦକ ପୂର୍ଣ୍ଣ ଦେହୁରୀ, ମାହେଶ୍ୱରୀ ମନ୍ଦିର ପୂଜକ କୁନା ବେହେରା ମାଳିଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଅନୁଗୋଳ, ୧୯।୨ (ଅମିତ କୁମାର ସାମଲ)

ଅନୁଗୋଳ ବ୍ଲକ ରାଣୀଗୋଡ଼ା ଗ୍ରାମର ଶତାଧିକ ମହିଳା ସୋମବାର ପାନୀୟ ଜଳ ସମସ୍ୟା ନେଇ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗରେ ସେମାନେ ଦର୍ଶାଇଛନ୍ତି, ଅନୁଗୋଳ ସହର ମହକୁମା ଠାରୁ ମାତ୍ର ୨ କିଲୋମିଟର ଦୂରରେ ଥିବା ରାଣୀଗୋଡାରେ ଖରାଦିନ ନ ଆସୁଣୁ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖିବାକୁ ମିଳିଛି। ରାଣୀଗୋଡା ପଞ୍ଚାୟତର ୧୦ ଏବଂ ୧୧ ନମ୍ବର ୱାର୍ଡରେ ୧୦୦ରୁ ଅଧିକ ପରିବାର ବସବାସ କରୁଥିବା ବେଳେ ପ୍ରାୟ ୭୦୦ ଲୋକ ପାନୀୟ ଜଳ ପାଇଁ ଡହଳବିକଳ ହେଉଥିବାର ଦେଖିବାକୁ ମିଳୁଛି। ପାଖାପାଖି ୧୦ଟି ନଳକୂପ ସେହି ସ୍ଥାନରେ ଥିବାବେଳେ କେତୋଟିରୁ ନାଲି ଓ ନୀଳ ପାଣି ବାହାରୁଛି। ଆଉ କେତୋଟି ଅଚଳ ହୋଇପଡିଛି। ୨ଟି ୱାର୍ଡକୁ ପାନୀୟ ଜଳ ପାଇଁ ପାଇପ୍ ବିଛା ହୋଇଥିବା ବେଳେ ପାନୀୟ ଜଳ କେବେ ଆସିବ ଏ ନେଇ ଲୋକମାନେ ଚାହିଁ ବସିଛନ୍ତି। ତେବେ ସମସ୍ୟାର ସମାଧାନ କରାଯିବବୋଲି ଜିଲାପାଳଙ୍କ ପକ୍ଷରୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦିଆଯାଇଛି।




ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ରାଣୀଗୋଡ଼ା ଗ୍ରାମର ମହିଳାମାନେ।

# ଜିଲାର ବିଭିନ୍ନ ସ୍ଥାନରେ ଜନଶୁଣାଣି କାର୍ଯ୍ୟକ୍ରମ



କଣିହାଁ ବ୍ଲକ କାର୍ଯ୍ୟାଳୟଠାରେ ଜିଲାପାଳଙ୍କ ଜନ ଶୁଣାଣି କାର୍ଯ୍ୟକ୍ରମ।



ଅନୁଗୋଳ ଜିଲା କାର୍ଯ୍ୟାଳୟ ଜନ ଶୁଣାଣିକୁ ଜଣେ ବୃଦ୍ଧାଙ୍କୁ ନାଉକରି ନେଉଛନ୍ତି ସମ୍ପର୍କୀୟ।

ଅନୁଗୋଳ,୧୯।୨ (ଅମିତ କୁମାର ସାମଲ)

ଅନୁଗୋଳ ଜିଲାର ବିଭିନ୍ନ ବ୍ଲକରେ ସୋମବାର ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମହମ୍ମଦ ଅବଦଲ ଅଖତାରଙ୍କ ଅଧ୍ୟକ୍ଷତାରେ କଣିହାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସମୁଦାୟ ୧୦୦ ଅଭିଯୋଗ ଗ୍ରହଣ କରାଯାଇଥିଲା। ୯ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ରେଡ୍‌କ୍ରସ୍‌ରୁ ଜଣକୁ ୫ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିକ୍ରମ କେଶରୀ ଭୋଇ, ତାଳଚେର ଉପଜିଲାପାଳ ମନୋଜ କୁମାର ତ୍ରିପାଠୀଙ୍କ ସମେତ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ସେହିପରି ଅନୁଗୋଳ ଜିଲା କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୁଦାୟ ୪୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଉପଜିଲାପାଳ ବରଣ୍ୟେନ୍ଦୁ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ସେହିପରି ଜିଲାର ୭ଟି ବ୍ଲକର ଗ୍ରାମ ପଞ୍ଚାୟତସ୍ତରରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଗୋଳ ବ୍ଲକର ଅନ୍ତୁଳିଆ, ତାଳଚେର ବ୍ଲକର ଗୁରୁଜାଙ୍ଗୁଲି, ବଅଁରପାଳ ବ୍ଲକର ତୁବେ, ଛେଣ୍ଡିପଦା ବ୍ଲକର ନତଡ଼ା, କିଶୋରନଗର ବ୍ଲକର ଗାଁ ବଇଣ୍ଡା ଓ ପାଲଲହଡାର ଇଞ୍ଜିଡି ପଞ୍ଚାୟତଠାରେ ଜନଶୁଣାଣି ହୋଇଥିଲା। ଏହି ସମସ୍ତ ଶିବିରରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ବିଶ୍ୱଶାନ୍ତି ଶ୍ରୀବିଷ୍ଣୁ ନୃସିଂହ ମହାଯଜ୍ଞ ଉଦ୍‌ଯାପିତ

ଓଡ଼ାପଡ଼ା,୧୯।୨
(ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ଏକଘରିଆ ଗ୍ରାମସ୍ଥିତ ଭକ୍ତ କବି ଦୀନକୃଷ୍ଣ ଦାସଙ୍କ ସାଧନା ପୀଠ ଶରଣ ଶ୍ରୀକ୍ଷେତ୍ରରେ ଚାଲିଥିବା ଶ୍ରୀଜଗନ୍ନାଥ କଥାମୃତ, ଚବିଶିବେଶ ପ୍ରଦର୍ଶନୀ ମହୋତ୍ସବ ଓ ବିଶ୍ୱଶାନ୍ତି ଶ୍ରୀବିଷ୍ଣୁ ନୃସିଂହ ମହାଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଶରଣ ଶ୍ରୀକ୍ଷେତ୍ର ବିକାଶ ପରିଷଦ ପକ୍ଷରୁ ଏହି କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ମହାବୀର ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟମାନେ ଓ ଅନ୍ୟାନ୍ୟ ଭକ୍ତମାନେ ସହଯୋଗ କରିଥିଲେ। ପ୍ରତ୍ୟେକ ଦିନ ଭକ୍ତମାନଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ଦିନ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁ କୃପା ଲାଭ କରିବା ସହିତ ପ୍ରସାଦସେବନ କରିଥିଲେ।

# ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ

ଅନୁଗୋଳ,୧୯।୨(ଅମିତ ସାମଲ)

୬ ଦଫା ଦାବିରେ ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ଆହ୍ୱାନକ୍ରମେ ସୋମବାର ଅନୁଗୋଳ ତହସିଲର ରାଜସ୍ୱ କ୍ଷେତ୍ର ଅଧିକାରୀମାନେ ସୋମବାର କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛନ୍ତି। ଆନ୍ଦୋଳନକାରୀ କହିଛନ୍ତି, ସରକାରଙ୍କ ସହିତ ବିଭିନ୍ନ ଆଲୋଚନା ଓ ବିଚାର ବିମର୍ଷ ସତ୍ତ୍ୱେ ୧୯୮୩ ମସିହା ପରଠାରୁ କ୍ୟାଡର ପୁନଃଗଠନ ହୋଇପାରିଲା ନାହିଁ, କିନ୍ତୁ ଅନ୍ୟ ବିଭାଗ ଜିଲାସ୍ତରୀୟ କର୍ମଚାରୀମାନଙ୍କ କ୍ୟାଡର ପୁନଃଗଠନ ହୋଇ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇସାରିଲାଣି। ଯେପର୍ଯ୍ୟନ୍ତ କ୍ୟାଡର ପୁନଃସଂରଚନା କରି ବିଜ୍ଞପ୍ତି ପ୍ରକାଶ କରା ନ ଯାଇଛି ସେତେଦିନ ଯାଏଁ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି।



ଅନୁଗୋଳ ରାଜସ୍ୱ କ୍ଷେତ୍ର ଅଧିକାରୀମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚଳାଇଛନ୍ତି।

# ରେଳ ଧାରଣାରୁ ମୃତଦେହ ଜବତ

ଅନୁଗୋଳ,୧୯।୨
(ଅମିତ କୁମାର ସାମଲ)

ଅନୁଗୋଳ ସଦର ଥାନା ବେଣାଗାଡିଆ ଗ୍ରାମ ନିକଟସ୍ଥ ରେଳ ଧାରଣାରୁ ଜଣେ ଯୁବକଙ୍କ ମୃତଦେହ ତାଳଚେର ଜିଆରପି ଜବତ କରିଛି। ସୂଚନା ଅନୁଯାୟୀ, ବେଣାଗାଡିଆ ଗ୍ରାମର ଦୁର୍ଜନ ବାଘଙ୍କ ପୁଅ ପଞ୍ଚାନନ ବାଘ(୨୮) ଶନିବାର ରାତିରେ ଭୋଜି ଖାଇବାକୁ ଯାଇଥିଲେ। କିନ୍ତୁ ରାତିରେ ଘରକୁ ଫେରି ନ ଥିଲେ। ରବିବାର ସକାଳେ ତାଙ୍କର ମୃତଦେହ ଗାଁ ପାଖ ରେଳ ଧାରଣାରେ ପଡ଼ିଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଜିଆରପି ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଥିବା ଜଣାପଡିଛି।

# ସମସ୍ତ ସମସ୍ୟା ସମାଧାନ କରାଯିବ



ବଇଣ୍ଡା,୧୯।୨(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ହଣ୍ଡପା ଥାନା ଠେଲକନାଳି ଗ୍ରାମର ବିଭିନ୍ନ ସମସ୍ୟାକୁ ନେଇ ବିଜେଡି ନେତା ନଳିନୀକାନ୍ତ ପ୍ରଧାନ ସମୀକ୍ଷା କରିଛନ୍ତି। ସୋମବାର ଉକ୍ତ ଗ୍ରାମକୁ ନଳିନୀ ଗସ୍ତ କରି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଗ୍ରାମରେ ଥିବା ଅନେକ ସମସ୍ୟା ସମ୍ପର୍କରେ ଗ୍ରାମବାସୀ ନଳିନୀଙ୍କୁ କହିବା ସହ ସମସ୍ତ ସମସ୍ୟା କିଭଳି ସମାଧାନ କରାଯିବ ସେ ନେଇ ଦୃଷ୍ଟି ଦେବାକୁ ଗ୍ରାମବାସୀ ଅନୁରୋଧ କରିଥିଲେ। ତୁରନ୍ତ ଗ୍ରାମରେ ଥିବା ସମସ୍ତ ସମସ୍ୟା କିଭଳି ସମାଧାନ କରାଯିବ ସେ ନେଇ ଦୃଷ୍ଟି ଦିଆଯିବ ବୋଲି ନଳିନୀ ପ୍ରତିଶ୍ରୁତି ଦେଇଛନ୍ତି। ଏଥିରେ ଜିଲା ପରିଷଦ ସଦସ୍ୟା ଅନୁପମା ସାହୁ, ବିଜେଡି ପର୍ଯ୍ୟବେକ୍ଷକ ରଞ୍ଜନ କୁମାର ସାହୁ, ସରପଞ୍ଚ ଅମିତ କୁମାର ସାହୁ, ଅଶୋକ ପ୍ରଧାନ, ବିଷ୍ଣୁଚରଣ ସାହୁ, ବେଞ୍ଜାମିନ ସାହୁ, କରୁଣାକର ବେହେରା, ରଥ ବସଲା, ବିଶେଶ୍ୱର ମୁଣ୍ଡାଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ।

# ନୂତନ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜା

କଣିହାଁ,୧୯।୨(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ପଥରମୁଣ୍ଡା ଗ୍ରାମରେ ଶ୍ରୀ ଜଗନ୍ନାଥଙ୍କ ନୂତନ ମନ୍ଦିର ନିର୍ମାଣ ପାଇଁ ସୋମବାର ଭୂମିପୂଜା ଉତ୍ସବ ଅନୁଷ୍ଠିତ ହୋଇଥିଲା। ସକାଳେ କଳସ ଯାତ୍ରା ସହିତ ଅନ୍ୟାନ୍ୟ କର୍ମ ସମ୍ପନ୍ନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଜିଲାପରିଷଦ ସଦସ୍ୟ ରଞ୍ଜନ ସାହୁ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତି ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପୂଜକ ବାସୁଦେବ ଆଚାର୍ଯ୍ୟଙ୍କ ପୌରୋହିତରେ ବିଧିକର୍ମକୁ ନେଇ କର୍ତ୍ତା ଭାବେ ଗ୍ରାମ ସଭାପତି ବ୍ରଜବନ୍ଧୁ ବିଶ୍ୱାଳ, ସ୍ତ୍ରୀ ସୁଷମା ବିଶ୍ୱାଳ ଦାୟିତ୍ୱ ତୁଲାଇଥିଲେ। ଗ୍ରାମ ସମ୍ପାଦକ କୁଞ୍ଜବିହାରୀ ସାହୁ, ସୁଶାନ୍ତ ସାହୁ, ପ୍ରାଣବନ୍ଧୁ ଦେହୁରୀ, ଗୋପବନ୍ଧୁ ସାହୁ, କ୍ଷୀତିଶ ଦାସ, ଶାନ୍ତନୁ ପ୍ରଧାନ, ଅରୁଣ ପ୍ରଧାନ, ରେବତୀ ନନ୍ଦନ ସାହୁ ସହଯୋଗ କରିଥିଲେ।



କଳସ ଶୋଭାଯାତ୍ରାରେ ସାମିଲ ହୋଇଥିବା ବିଧାୟକଙ୍କ ସମେତ ପଥରମୁଣ୍ଡା ଗ୍ରାମର ମହିଳାମାନେ।

# ଭବ୍ୟ ମନ୍ଦିର ନିର୍ମାଣ ଲାଗି ଶିଳାନ୍ୟାସ

ପାଲଲହଡ଼ା,୧୯।୨(ଦିବ୍ୟଜ୍ୟୋତି ଦାଶ)

ପାଲଲହଡ଼ା ଉପଖଣ୍ଡର ପ୍ରସିଦ୍ଧ ଖୁଲୁଡି ଗିରିଶ୍ୱର ଶୈବପୀଠରେ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ଭକ୍ତିମୟ ପରିବେଶରେ ନାମଯଜ୍ଞ ସହିତ ଶିଳାନ୍ୟାସ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଦେବୋତ୍ତର ଅଧିକାରୀ ତଥା ପାଲଲହଡ଼ା ଉପଜିଲାପାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବିଧାୟକ ମୁକେଶ ପାଲ ଏବଂ ସ୍ତ୍ରୀ ଅବଲିଶା ପଟ୍ଟନାୟକ କର୍ତ୍ତା ଭାବେ ଯୋଗଦେଇ ଶିଳାନ୍ୟାସ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ବିଧାୟକ ମୁକେଶ ପାଲ ୨୦ ଲକ୍ଷ ଏବଂ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ୧୦ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଥିବା ବେଳେ ମନ୍ଦିର ନିର୍ମାଣ ପାଇଁ କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ସେହିପରି ୮୪.୩୭ ଲକ୍ଷ ଟଙ୍କା ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ମଞ୍ଜୁର କରାଯାଇଛି। ଏହି ଅବସରରେ ସକାଳେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଆଖାପାଖର ସହସ୍ରାଧିକ ଭକ୍ତ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଅକ୍ସଫୋର୍ଡ ଯୁବ ପରିଷଦ ଆନୁକୁଲ୍ୟରେ ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦର ବ୍ୟବସ୍ଥା ହୋଇଥିଲା। ପାଲଲହଡ଼ା ବ୍ଲକ ଅଧ୍ୟକ୍ଷତା ରିନାରାଣୀ ନାଏକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ନବକିଶୋର ନାଏକ, ଦିଲୀପ ଉଦାବଳ, ନରେନ୍ଦ୍ର ଭୁକ୍ତା, ଦେବୋତ୍ତର ପରିଚାଳକ ଜଳଧର ମହାନ୍ତି ପ୍ରମୁଖ ସଞ୍ଚାଳନ କରିଥିଲେ।



ଶିଳାନ୍ୟାସ ଅବସରରେ ଏମ୍‌ପି, ବିଧାୟକଙ୍କ ସମେତ ଅନ୍ୟମାନେ।

